# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଯିହୋଶୂୟ ଭାର ଗ୍ରହଣ କଲେ

ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଉପଯୋଜକ: Ruth Klassen
Alastair P.
ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2020 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି, ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ମୋଶାଙ୍କର ମୃତ୍ୟୁପରେ । ଯିହୋଶୁୟ ଜାଣିଥିଲେ ଯେ ବର୍ତ୍ତମାନ୍
ପରମେଶ୍ୱର ଇସ୍ରାଏଲ ସନ୍ତାନଗଣର ତତ୍ତ୍ୱାବଧାନ
କରିବା ଭାର ତାଙ୍କ ଉପରେ ଦେଲେ । ଯିହୋଶୁୟ
ତାଙ୍କର ସେନା ଗଢ଼ିବା ଆଗରୁ, ସେ ପ୍ରଥମେ
ନିଜକୁ ପ୍ରସ୍ତୁତ କଲେ । ପରମେଶ୍ୱର
ଯିହୋଶୁୟଙ୍କୁ ଯୁଦ୍ଧରୁ ଜୟ ଓ
ଧନସତ୍ତି ସେହି ପ୍ରତିଜ୍ଞାତ
ଦେଶରେ ଦେବେ ବୋଲି
ପ୍ରତିଜ୍ଞା କଲେ ଯଦି ଲୋକମାନେ
ସର୍ବଦା ତାଙ୍କୁ ବାଧ୍ୟ ହେବେ ।



ଇସ୍ରାଏଲ୍ ସନ୍ତାନଗଣ ଯିହୋଶୂୟଙ୍କୁ ଅନୁଶରଣ ଓ ପରମେଶ୍ୱରଙ୍କ ବାକ୍ୟ ମାନିବେ ବୋଲି ପ୍ରତିଜ୍ଞା କଲେ । ବୁଦ୍ଧିର ସହିତ, ନୂତନ ଭାବରେ ଅଭିଶିକ୍ତ ନେତା ଗୋପନରେ ଦୁଇଜଣ ଗୁପ୍ତଚ଼ର କିଣାନ୍ ଦେଶକୁ ପ୍ରେରଣ କଲେ ଯେପରି ସେମାନେ ସେହି ଯିରୀହୋ ନଗରର ସେନା ବିଷୟରେ ନିରିକ୍ଷଣ କରିବେ । ଇସ୍ରାଏଲ୍ ର ପ୍ରଥମ ଲଢ଼େଇ ସେହି ସ୍ଥାନରେ ହୋଇପାରେ ।





କେହିଜଣେ ତାଙ୍କ ଶହରକୁ ଚ଼ର ଆସିଥିବା କଥା
ଯିରିହୋର ରାଜାଙ୍କୁ କହିଲେ । ସେ ସେମାନଙ୍କୁ ଖୋଜିବାକୁ ତାଙ୍କର
ସେନା ପ୍ରେରଣ କଲେ । ରାହାବ ଘରେ ଖୋଜିବାକୁ ଆରମ୍ଭ ହେଲା,
ଯେଉଁ ଲୋକମାନେ ଏଠାରେ ରହୁଥିଲେ ସେମାନେ କାହାଁନ୍ତି,
ସୈନିକମାନେ ରାହାବ ଘରର କବାଟକୁ ଜୋରରେ ଆଘାତ କଲେ ।
ସଂଙ୍ଗେ ସଂଙ୍ଗେ ବାହାବ୍ ସେହି ଦୁଇ ଲୋକଙ୍କୁ ଲୁଚ଼ାଇ ରଖିଲା ।

ଯେତେବେଳେ ସୈନ୍ୟମାନେ
ସେଠାରୁ ପଳାୟନ କଲେ,
ରାହାବ୍ ସେହି ଲୋକମାନଙ୍କୁ
ଝରକା ବାଟେ ଦଉଡ଼ିରେ
ନଗର ପ୍ରାଚିରର ବାହାରକୁ
ଓହ୍ଲାଇ ଦେଲା । ସେ କାହିଁକି
ସେହି ଚର ମାନଙ୍କର ସାହାଯ୍ୟ
କଲା, କାରଣ ସେ ଜାଣିଥିଲା
ଯେ ପରମେଶ୍ୱର ସେମାନଙ୍କ
ସହିତ ଅଛନ୍ତି ।



ସେ ଚାହୁଁଥିଲା ପରମେଶ୍ୱର
ସେମାନଙ୍କର ଜୀବନ ରକ୍ଷା
କରନ୍ତୁ । ଗୁପ୍ତଚରମାନେ
ପ୍ରତିଜ୍ଞା କଲେ ସେମାନେ
ରାହାବ୍ ଓ ତାଙ୍କର
ପରିବାରକୁ ରକ୍ଷା କରିବେ ।



ଯିରିହୋକୁ ପହଞ୍ଚିବା ଆଗରୁ, ଇସ୍ରାଏଲ୍ ସନ୍ତାନଗଣଙ୍କୁ କିଣାନ୍ ଦେଶକୁ ଯିବାକୁ ଯର୍ଦନ ନଦୀ ପାର କରିବାକୁ ପଡ଼ିଲା, ପ୍ରତିଜ୍ଞାତ ଦେଶ । କିନ୍ତୁ ସେଠାରେ କୌଣସି ପୋଲ ନଥିଲା । ଲୋକମାନେ କିପରି ଭାବରେ



ସଦାପ୍ରଭୁ ଯିହୋଶୂୟଙ୍କୁ କହିଲେ ଧର୍ମଯାଜକମାନେ ନିୟମ ସିନ୍ଧୁକ ଯେଉଁଠାରେ ଦଶ ଆଜ୍ଞା ରହିଥିଲା ତାହା ବୋହି ସୈନିକ ଓ ଲୋକମାନଙ୍କୁ କଢ଼ାଇ ନେବେ । ଯେତେବେଳେ ଧର୍ମଯାଜକମାନଙ୍କ ପାଦ ନଦୀରେ ପଡ଼ିଲା ପରମେଶ୍ୱର ଏକ ଆଶ୍ଚର୍ଯ୍ୟ କର୍ମ କଲେ । ନଦୀର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଶୁଷ୍କ ପଥ ନିର୍ମାଣ କଲେ ।



ସମସ୍ତ ଲୋକମାନେ ନିରାପଦରେ ନଦୀ ପାର ହେଲାପରେ, ସେମାନେ ବାରଟି ପଥର ଯର୍ଦନର ମଧ୍ୟସ୍ଥାନରେ ଓ ଅଲଗା ବାର ପଥର କିଣାନ୍ ର ନଦୀ ବନ୍ଧରେ ବସାଇଲେ । ଏହା ଏକ ସେମାନଙ୍କ ପାଇଁ ସ୍ମାରକସ୍ତମ୍ଭ ହୋଇ  ରହିବ ଓ ସେମାନଙ୍କୁ ନିଜର ସନ୍ତାନଗଣଙ୍କୁ ଈଶ୍ୱରଙ୍କ ସହାନ ଶକ୍ତି ଓ ପ୍ରେମ ବିଷୟରେ ଶିକ୍ଷା ଦେବା ନିମନ୍ତେ ସାହାଯ୍ୟ କରିବ ।





ଯିରୀହୋରେ କଠିନ ଓ ଗାଢ଼ ପ୍ରାଚିର ଥିଲା ।

ଯେପରି  ଯିହୋଶୂୟ ଆକ୍ରମଣ କରିବା

ନିମନ୍ତେ ପ୍ରସ୍ତୁ ହେବା ସମୟରେ, ଇଶ୍ୱର

ତାଙ୍କର ସେନାଧିକ୍ଷଙ୍କ ଦ୍ୱାରା ସ୍ୱର୍ଗରୁ

ଇସ୍ରାଏଲର ନୂତନ ନେତାଙ୍କୁ

ମନେପକାଇବାକୁ ଆସି

କହିଲେ ପରମେଶ୍ୱର ନିଜ

ଲୋକମାନଙ୍କ ନିମନ୍ତେ

ଯୁଦ୍ଧକୁ ଜୟ କରନ୍ତି ।

ଯିରହୋ କିପରି ଭାବରେ ଆକ୍ରମଣ କରିବାକୁ ହେବ ତାହା ପରମେଶ୍ୱର



ଯିହେଶୁୟଙ୍କୁ କହିଲେ । ସେହି ଯୋଜନା ଏକ ଅଦ୍ଭୁତ ଧରଣର ଥିଲା । ପରମେଶ୍ୱରଙ୍କ ଲୋକମାଙ୍କୁ ସେହି ନଗରର ଚ଼ାରିପଟେ ଦିନକୁ ଥରେ ଲେଖାଏଁ ଏପରି ଛଅଦିନ ପର୍ଯ୍ୟନ୍ତ ପ୍ରଦକ୍ଷିଣ କରିବାକୁ ପଡ଼ିବ, ଏବଂ ସପ୍ତମ ଦିନରେ ଏପରି ସାତଥର ପ୍ରଦକ୍ଷିଣ କରିବାକୁ ପଡ଼ିବ । ତା ପରେ ସେମାନଙ୍କୁ ତୁରୀ ବଜାଇବା ଏବଂ ଜୟଧ୍ୱନୀ କରିବାକୁ ପଡ଼ିବ, ଓ ସେହି ନଗରର ପ୍ରାଚ଼ିର ପଡ଼ି ସମଭୂମି ହୋଇଯିବ ।

ଯିହୋଶୂୟ ଓ ତାଙ୍କ ସୈନ୍ୟମାନେ ଠିକ୍ ପରମେଶ୍ୱରଙ୍କ ଆଜ୍ଞା ଅନୁସାରେ କଲେ । ହୋଇପାରେ ଯିରିହୋର ଲୋକମାନେ ସେମାନଙ୍କୁ ପରିହାସ କରିଥାଇପାରନ୍ତି । କିନ୍ତୁ, ସପ୍ତମ ଦିନର ସପ୍ତମ ପ୍ରଦକ୍ଷିଣ ପରେ ଯାଜକମାନେ ତୂରୀ ବଜାଇଲେ । ଏବଂ ଯେପରି ଭାବରେ ପରମେଶ୍ୱର ପ୍ରତିଜ୍ଞା କରିଥିଲେ ଠିକ୍ ସେପରି ସେହି ନଗରର ପ୍ରାଚ଼ିର ପଡ଼ି ସମଭୂମି ହୋଇଗଲା ।









ପ୍ରାଚିରରେ ଥିବା କେବଳ ରାହାବର ଗୃହ
ସୁରକ୍ଷିତ ଥିଲା । ସେ ସେହି ସିନ୍ଦୁରବର୍ଣ୍ଣ ଡୋରି
ଝରକାରେ ବାନ୍ଧି ରଖିଲା । ସଂଙ୍ଗେ ସଂଙ୍ଗେ
ଯିହୋଶୂୟଙ୍କ ସୈନ୍ୟମାନେ ରାହାବଙ୍କୁ
ଏବଂ ତାଙ୍କର ପରିବାରକୁ ବଞ୍ଚାଇଲେ ।



ତାହାପରେ ଯିରହୋକୁ ସଂପୂର୍ଣ୍ଣ
ଭାବରେ ଧ୍ୱଂସ କଲେ, ଯେପରି
ପରମେଶ୍ୱର ସେମାନଙ୍କୁ ଆଜ୍ଞା
କରିଥିଲେ ।



ସତ୍ୟନିଷ୍ଠାରେ, ଯିହୋଶୂୟ ଯିରିହୋ ର ସୁନା,

ରୁପା ଏବଂ ସଭିକୁ ପରମେଶ୍ୱରଙ୍କ
ସେବାରେ ବ୍ୟବହାର ନିମନ୍ତେ ସମର୍ପଣ
କଲେ । ତା ପରେ ଯିହୋଶୂୟ ଶପଥ କରାଇ କହିଲେ
ଯେକେହି ଉଠି ପୁନର୍ବାର ଏହି ଦୁଷ୍ଟ ଯିରିହୋ ନଗର ନିର୍ମାଣ
କରେ, ସେ ସଦାପ୍ରଭୁଙ୍କ ସକ୍ଷାତରେ ଶାପଗ୍ରସ୍ତ ହେଉ ।



ସଂଙ୍ଗେ ସଂଙ୍ଗେ ସମସ୍ତ କିଣାନ
ଦେଶର ଲୋକ ଶୁଣଲେ କିପରି ଭାବରେ ଯିହୋଶୁୟ
ଯିରିହୋ ନଗରକୁ ପରାସ୍ତ କଲେ । ସେମାନେ ଜାଣଥିଲେ
ଯେ ପରମେଶ୍ୱର ତାଙ୍କ ଲୋକମାନଙ୍କ ସହିତ ଅଛନ୍ତି ।

ଯିହୋଶୂୟ ଭାର ଗ୍ରହଣ କଲେ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଯିହୋଶୂୟ ୧-୬

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏତେ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶ୍ରୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସ୍ୱର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬